## ସଂକ୍ଷେପରେ

### ନଦୀରେ ବୁଡ଼ିଗଲେ ନାବାଳିକା

**ରାଜନଗର,୧୦।୩(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତ ଓସ୍ତିଆ ଗାଁର ରଞ୍ଜନ ମଇଙ୍କ ୧୬ ବର୍ଷର ଝିଅ ରୋଜିନା ଗୁରୁବାର ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ରୋଜିନା ମାଉସୀ ଘରେ ରହି ପାଠ ପଢନ୍ତି। ଚଳିତବର୍ଷ ସେ ମାଟ୍ରିକ ପରୀକ୍ଷା ଦେବା ପାଇଁ ପ୍ରସ୍ତୁତ ହେଉଥିଲେ। ଗତ କିଛିଦିନ ତଳେ ସେ ଘରକୁ ବୁଲି ଆସିଥିଲେ। ଗୁରୁବାର ସକାଳୁ ସେ ଘର ନିକଟ ବ୍ରାହ୍ମଣୀ ନଦୀକୁ ଗାଧୋଇ ଯାଇଥିଲେ। ଗାଧୋଇବା ବେଳେ ତାଙ୍କ ଗୋଡ଼ ଖସି ଯିବାରୁ ସେ ନଦୀସ୍ରୋତରେ ଭାସି ଯାଇଥିଲେ। ପହଁରା ଜାଣି ନ ଥିବାରୁ ସେ ନିଜକୁ ବଞ୍ଚାଇ ପାରି ନ ଥିଲେ। ତାଙ୍କ ଦାଦା ଝିଅ ଭଉଣୀ ଏହା ଦେଖି ଘର ଲୋକଙ୍କୁ ଖବର ଦେଇଥିଲେ। ବହୁ ସମୟ ଖୋଜାଖୋଜି ପରେ ରୋଜିନାଙ୍କ ମୃତଦେହ ମିଳିଥିଲା।

### ଅଗ୍ନିକାଣ୍ଡରେ ୪ବଖରା ଭସ୍ମୀଭୂତ

**ଡେରାବିଶ,୧୦।୩(ସ୍ୱ.ପ୍ର.):** ଡେରାବିଶ ବ୍ଲକ୍ ଖମୋଳ ପଞ୍ଚାୟତ ଅନ୍ତର୍ଗତ ଡାଳିଜୀ ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖର ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଡାଳିଜୀ ଗ୍ରାମର ମନୋଜ ନାୟକ ଓ ପ୍ରଶାନ୍ତ ନାୟକଙ୍କ ଘରେ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। ପରିବାର ଲୋକ ଶୋଇଥିବା ବେଳେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ଘର ଭିତରେ ଥିବା ମନୋଜଙ୍କ ରୋଗିଣା ଭଉଣୀଙ୍କୁ ବହୁ କଷ୍ଟରେ ଉଦ୍ଧାର କରିଥିଲେ। ଡେରାବିଶ ଓ ନିଶ୍ଚିନ୍ତକୋଇଲିରୁ ଦୁଇଟି ଦମକଳ ଗାଡ଼ି ଆସି ନିଆଁକୁ ଲିଭାଇଥିଲେ। ସେତେବେଳକୁ ଘରେ ଥିବା ବର୍ଷକର ଧାନ ଚାଉଳ ସମେତ ସମସ୍ତ ଆସବାସପତ୍ର ପୋଡ଼ି ଯାଇଥିଲା।

### ଗୋବିନ୍ଦ ଗୋସ୍ୱାମୀ ମଠରୁ ଚୋରି

**ଆଳି,୧୦।୩(ଡି.ଏନ୍.ଏ.):** ଆଳି ଥାନା ଅଧୀନ ମହୁ ଗ୍ରାମରେ ଥିବା ବାବା ଗୋବିନ୍ଦ ଗୋସ୍ୱାମୀ ମଠାରୁ ବୁଧବାର ରାତିରେ ଦାନ ହୁଣ୍ଡି ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ସେହି ହୁଣ୍ଡିକୁ ଲୁଟି ନେଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପୋଲିସ ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି।

### ବିକାଶମୂଳକ କାର୍ଯ୍ୟ ଉପରେ ନୂତନ ସରପଞ୍ଚଙ୍କ ଗୁରୁତ୍ୱ

**ଆଳି,୧୦।୩(ଡି.ଏନ୍.ଏ.):** ଆଳି ବ୍ଲକ ଅଧୀନ ୩୪ ପଞ୍ଚାୟତରେ ସରପଞ୍ଚମାନେ ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଅରେହିକଣା ପଞ୍ଚାୟତରେ କାର୍ଯ୍ୟନିର୍ବାହୀ ଅଧିକାରୀ ଧିରେନ ଶର୍ମା ନୂତନ ସରପଞ୍ଚ ହିମାଂଶୁ ଶେଖର ପଣ୍ଡାଙ୍କୁ ଦାୟିତ୍ୱ ଗ୍ରହଣ କରାଇଥିଲେ। ପଣ୍ଡା ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟପ୍ରତି ସଚେତନ ହୋଇ ସାଧାରଣ ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବାକୁ ପ୍ରତିଶ୍ରୁତି ବଦ୍ଧ ବୋଲି କହିଥିଲେ। ଟୁଙ୍ଗା ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ନିକଟରୁ ସରପଞ୍ଚ ମଧୁସ୍ମିତା ପୁହାଣ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ବିଜୟର ଶ୍ରେୟ ପଞ୍ଚାୟତବାସୀଙ୍କୁ ଦେଇଛନ୍ତି। ପଞ୍ଚାୟତରେ ଆଲୋକୀକରଣ ଓ ପାଣି ସମସ୍ୟାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ମେଣ୍ଡପୁର ପଞ୍ଚାୟତରେ ମେମୁନା ଖାତୁନ, ଦେମାଳ ପଞ୍ଚାୟତରେ ରୀତାରାଣୀ ପରିଡା, ମହୁ ପଞ୍ଚାୟତରେ ମହେଶ୍ୱର ତ୍ରିପାଠୀ, କୋଲିଡିହ ପଞ୍ଚାୟତରେ ହେମନ୍ତ ଧଳ, ଅରଗଳ ପଞ୍ଚାୟତରେ ଦୀପ୍ତି ସାହୁ ପ୍ରମୁଖଙ୍କ ସମେତ ଅନ୍ୟ ପଞ୍ଚାୟତରେ ସରପଞ୍ଚମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି।

# କେନ୍ଦ୍ରାପଡ଼ା ମ୍ୟୁନିସିପାଲିଟିକୁ ୧୫୪ ବର୍ଷ

**କେନ୍ଦ୍ରାପଡ଼ା ଅଫିସ,୧୦।୩**





ଲକ୍ଷ୍ମୀପ୍ରିୟା ବାରିକ


ସରିତା ସାହୁ


ତୁଳସୀ ମହାରଣା


ମୀନାକ୍ଷୀ ଦାସ।

- ନାନା ସମସ୍ୟାରେ ହଇରାଣ କରଦାତା
- ଶିଳ୍ପ ନାହିଁ, ୬୮ ପ୍ରତିଶତ ଶ୍ରମିକ
- ସୁରକ୍ଷିତ ନୁହେଁ ଐତିହ୍ୟସ୍ଥଳୀ

୧୮୬୯ ମାର୍ଚ୍ଚ ୧୦ରେ କେନ୍ଦ୍ରାପଡ଼ାର ମାତ୍ର ୧୪ ପଡା ଗ୍ରାମକୁ ନେଇ ପୌରାଞ୍ଚଳ ଘୋଷଣା ହୋଇଥିଲା। ଗୁରୁବାର ଏହି ପୌରସଂସ୍ଥାକୁ ୧୫୪ତମ ବର୍ଷ ହୋଇଛି। ଦୀର୍ଘ ୧୧ ବର୍ଷ ପରେ ସହରରେ ପୌର ନିର୍ବାଚନ ହେଉଛି। ଶାସକ ଦଳ ପ୍ରାର୍ଥୀ ସହରର ଉନ୍ନୟନ କାର୍ଯ୍ୟକୁ ନେଇ ପ୍ରଚାର ଆରମ୍ଭ କରିଛନ୍ତି। ବିରୋଧୀ ପ୍ରାର୍ଥୀ କୁହନ୍ତି, ପାନୀୟ ଜଳଠାରୁ ଆରମ୍ଭ କରି ଜଳ ନିଷ୍କାସନ ବ୍ୟବସ୍ଥା ନାହିଁ। ସହରରେ ୬୮ ପ୍ରତିଶତ ଶ୍ରମିକ ଶ୍ରେଣୀର ହୋଇଥିବା ବେଳେ ଗୋଟିଏ ହେଲେ ଶିଳ୍ପସଂସ୍ଥା ନାହିଁ। ଐତିହ୍ୟସ୍ଥଳକୁ ସୁରକ୍ଷା ଦିଆଯାଉ ନାହିଁ। ବିକାଶ ଏବେ ପ୍ରସଙ୍ଗ ହୋଇଛି।

ଏ ସଂକ୍ରାନ୍ତରେ ଓଡ଼ିଶା ଜନତା ପାର୍ଟିର ଅଧକ୍ଷା ପ୍ରାର୍ଥୀ ତୁଳସୀ ମହାରଣା କୁହନ୍ତି, ରାଜ୍ୟର ସର୍ବପୁରାତନ ଏହି ସହରରେ ପ୍ରାୟ ୬୦ ହଜାର ଲୋକ ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୬୮ ପ୍ରତିଶତ ଶ୍ରମିକ ଶ୍ରେଣୀର। ସେହି ଲୋକ ସମ୍ବଳକୁ ବିନିଯୋଗ ପାଇଁ ଶିଳ୍ପଟିଏ ନାହିଁ। ପୂର୍ବରୁ ଚାଲିଥିବା ଶ୍ରୀବଳଦେବଜୀଉ ହ୍ୟାଣ୍ଡଲୁମ୍ସ ବନ୍ଦ ହୋଇଛି। ବସ୍ତିବାସିନ୍ଦା ପାନୀୟ ଜଳ, ରାସ୍ତା ଓ ଜଳ ନିଷ୍କାସନ ଆଦି ସମସ୍ୟାରେ ଘାଣ୍ଟିଚକଟି ହେଉଛନ୍ତି। ମହିଳା ସଶକ୍ତୀକରଣ ଏଠାରେ ଏକ ସ୍ଲୋଗାନ ହୋଇଛି। କଂଗ୍ରେସ ଅଧକ୍ଷା ପ୍ରାର୍ଥୀ ଲକ୍ଷ୍ମୀପ୍ରିୟା ବାରିକ କୁହନ୍ତି, ମ୍ୟୁନିସିପାଲିଟିକୁ ଏକ ସ୍ୱତନ୍ତ୍ର ଜିଲା ପାହ୍ୟା ପରି ମାନ୍ୟତା ମିଳିଥିଲେ ମଧ୍ୟ ଅଧିକାଂଶ ଲୋକ ଗରିବିକୁ ନେଇ ସଂଘର୍ଷ କରୁଛନ୍ତି। ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ, ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫରମର, ବୁଲା ଗାଈଗୋରୁ, ଭେଣ୍ଡିଂଜୋନ୍ ସହିତ ପୌରବାସୀ ବିଭିନ୍ନ ଘାତ ପ୍ରତିଘାତ ମଧ୍ୟରେ ଦିନ କାଟୁଛନ୍ତି। ପୌରାଞ୍ଚଳ ଦେଇ ପ୍ରବାହିତ ଗୋବରୀ ନଦୀ ଓ କେନାଲ ଏବେ ଅଳିଆ ଆବର୍ଜନାରେ ପୂର୍ଣ୍ଣ ହୋଇ ପରିବେଶ ଦୂଷିତ କରିଛି। ମଧୁସାଗରର କେତେକ ଅଂଶ ଅଳିଆ ଓ ଦଳଭର୍ତ୍ତି ହୋଇ ରହିଛି। ଫଳରେ ସେହି ସ୍ଥାନ ମଶା,ମାଛିଙ୍କ ଅନ୍ତୁଡ଼ିଶାଳରେ ପରିଣତ ହୋଇଛି। ଟ୍ରାଫିକ ସମସ୍ୟା ନିରାକରଣକୁ ଗୁରୁତ୍ୱ ଦିଆଯାଇନାହିଁ।

ଭାଜପା ଅଧକ୍ଷା ପ୍ରାର୍ଥୀ ବିଜୟଲକ୍ଷ୍ମୀ ଦାଶ କହିଛନ୍ତି, ସହରର ପରିକଳ୍ପନାରେ ଲୋକଙ୍କ ଅର୍ଥନୈତିକ ପ୍ରଗତି ସହିତ ସାଂସ୍କୃତିକ ଓ ଐତିହ୍ୟ ବିଭବକୁ ଗୁରୁତ୍ୱ ଦିଆଯାଇଥାଏ। ଏହି ମ୍ୟୁନିସିପାଲିଟିରେ ସେଥିପ୍ରତି ଗୁରୁତ୍ୱାରୋପ ବଦଳରେ ଅବହେଳା କରାଯାଉଛି। ରାଜ୍ୟ ପର୍ଯ୍ୟଟନସ୍ଥଳୀ ଶ୍ରୀବଳଦେବଜୀଉ ମନ୍ଦିର, ସୂର୍ଯ୍ୟଘଡି ସହିତ ଓଡ଼ିଶାର ବରପୁତ୍ର ଫକୀରମୋହନ ସେନାପତିଙ୍କ 'ଛମାଣ ଆଠଗୁଣ୍ଠ' ପୁସ୍ତକ ରଚନାସ୍ଥଳ ଡାଇମଣ୍ଡ ଜୁବିଲି ପାଠାଗାର ଅବହେଳାର ଶିକାର ହୋଇଛି। ପୌରାଞ୍ଚଳକୁ ୧୫୩ ବର୍ଷ ପୂରିଥିଲେ ମଧ୍ୟ ସହରବାସୀ ରାସ୍ତା, ପାନୀୟ ଜଳ, ପରିମଳ ଆଦି ସମସ୍ୟାକୁ ନେଇ ଅତିଷ୍ଠ ହୋଇଛନ୍ତି। ବିଜେଡି ଅଧକ୍ଷା ପ୍ରାର୍ଥୀ ସରିତା ସାହୁ କହିଛନ୍ତି, କେନ୍ଦ୍ରାପଡ଼ା ସହରର ବିକାଶରେ ରାଜ୍ୟ ସରକାରଙ୍କ ଅବଦାନ ଅନନ୍ୟ। ଐତିହ୍ୟସ୍ଥଳର ସଂରକ୍ଷଣ ପାଇଁ ଅନୁଦାନ ଆସି କାର୍ଯ୍ୟକାରୀ ହେଉଛି। ସହରର ସୌନ୍ଦର୍ଯ୍ୟକରଣ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ ହୋଇଛି। ମହିଳାଙ୍କୁ ସ୍ୱାବଲମ୍ବୀ ପାଇଁ ମିଶନ ଶକ୍ତି କାର୍ଯ୍ୟ କରୁଛି। ରାଜ୍ୟର ଏହି ପୁରାତନ ସହରର ପୁନରୁଦ୍ଧାର ଓ ବିକଶିତ କରିବା ଆମର ଲକ୍ଷ୍ୟ ରହିଛି। ଏହାବ୍ୟତୀତ ସହରର ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ସାମର୍ଥ୍ୟ ରଖିଥିବା ବିଜେଡିକୁ ଚଳିତ ନିର୍ବାଚନରେ ଲୋକଙ୍କ ଆର୍ଶୀବାଦ ଓ ସହଯୋଗ ରହିବ ବୋଲି ସେ ଆଶା ରଖିଛନ୍ତି।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

**ନାଉଗାଁ,୧୦।୩(ସ୍ୱ.ପ୍ର.)**

ନାଉଗାଁ ତହସିଲ ଅଧୀନ ଗାରୋଇ ନିକଟରୁ ଗୁରୁବାର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରାଯାଇଛି। ବାଲି ଟ୍ରାକ୍ଟରକୁ ଗାରୋଇ ଫାଣ୍ଡିରେ ଜିମା ଦିଆଯାଇଛି। ଏ ସଂକ୍ରାନ୍ତରେ ଲିଖିତ ଭାବେ ନାଉଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ାଙ୍କୁ ଅବଗତ କରାଯାଇଛି। ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରା, ବିଶ୍ୱମ୍ଭର ମହାନ୍ତି ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ଜବତ ଟ୍ରାକ୍ଟରରୁ ଜରିମାନା ଆଦାୟ କରାଯିବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅତିରିକ୍ତ ତହସିଲଦାର ବେହେରା ପ୍ରକାଶ କରିଛନ୍ତି।

## ଜନଗହଳିପୂର୍ଣ୍ଣ ଛକରୁ ବାଲି ଉଠାଇବାକୁ ନିର୍ଦ୍ଦେଶ

**ରଘୁନାଥପୁର,୧୦।୩(ଡି.ଏନ୍.ଏ.)**

ରଘୁନାଥପୁର ତହସିଲ ଅନ୍ତର୍ଗତ ଜନଗହଳିପୂର୍ଣ୍ଣ ସ୍ଥାନ ତାରପୁର ବାଇପାସରେ ମାସେ ହେବ ବାଲି ଗଦା ହୋଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏନେଇ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଏହି ବାଲିକୁ ଉଠାଇନେବାକୁ ତହସିଲଦାର ରୁପାଲିକା ଦାଶ ନିର୍ଦ୍ଦେଶ ଦେଇଛନ୍ତି। ଚିକିଣିଆ ସର୍କଲ ରାଜସ୍ୱ ନିରୀକ୍ଷକ ସୁଶାନ୍ତ ସ୍ୱାଇଁ ବାଲି ଗଦାକରି ରଖିଥିବା ସ୍ଥାନୀୟ ଜଳଖିଆ ଦୋକାନୀ କୈଳାସ ଚନ୍ଦ୍ର ସାହୁଙ୍କୁ ଭେଟି ୨୪ ଘଣ୍ଟା ଭିତରେ ଏହାକୁ ସ୍ଥାନାନ୍ତର କରିବାକୁ କହିଛନ୍ତି। ଅବମାନନା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଛନ୍ତି।

## ଥମିଲା ବିବାଦ, ଗଠନ ହେଲା ନୂଆ ମନ୍ଦିର କମିଟି

**ରଘୁନାଥପୁର,୧୦।୩(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଅଯୋଧ୍ୟାପୁର ଗ୍ରାମର ହନୁମାନ ମନ୍ଦିର ପୂଜା କମିଟିକୁ ନେଇ ଦୀର୍ଘ ୨ ବର୍ଷ ହେବ ଲାଗି ରହିଥିବା ବିବାଦର ଅବସାନ ଘଟିଛି। ରୁଦ୍ର ନାରାୟଣ ପଣ୍ଡାଙ୍କ ପ୍ରଚେଷ୍ଟାରେ ଗ୍ରାମର ସମସ୍ତ ବ୍ୟକ୍ତି ଏହାର ଆପୋସ ସମାଧାନ କରିଛନ୍ତି। ଏହି କ୍ରମରେ ଗଢ଼ା ହୋଇଥିବା ନୂତନ କମିଟିରେ ରୁଦ୍ରଙ୍କୁ ସଭାପତି କରାଯାଇଥିବାବେଳେ କୋଷାଧ୍ୟକ୍ଷ ଭାବେ ଭ୍ରମରବର ସେଠୀ ଓ ଚନ୍ଦନ କୁମାର ସାହୁଙ୍କୁ ମିଳିତ ଭାବେ ଦାୟିତ୍ୱ ଦିଆଯାଇଛି। ବୈଠକରେ ସୁକାନ୍ତ ମାଦେଲି, ପ୍ରମୋଦ ଜେନା, ଚନ୍ଦ୍ରକାନ୍ତ ପଣ୍ଡା, ଲିଙ୍ଗରାଜ ପତି ଓ ଦୀପା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପାଟକୁରା ମେଡିକାଲରେ 'କାୟାକଳ୍ପ' ଟିମ୍


ପାଟକୁରା ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ ଆସିଥିବା 'କାୟାକଳ୍ପ' ଟିମ୍‌ର ସଦସ୍ୟ ଓ ଅନ୍ୟମାନେ।

**ପାଟକୁରା,୧୦।୩(ଡି.ଏନ.ଏ.)**

ରାଜ୍ୟ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ 'କାୟାକଳ୍ପ' ଟିମ୍ ଗୁରୁବାର ପୂର୍ବାହ୍ନରେ ପାଟକୁରା ମେଡିକାଲ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡା.ଜ୍ୟୋର୍ତିମୟୀ ରାଉତ,ଡା.ସୌମ୍ୟାଶ୍ରୀ ମହାପାତ୍ର, ଓ କେ.ରଶ୍ମିଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ପ୍ରଥମେ ପାଟକୁରା ମେଡିକାଲରେ ପହଞ୍ଚି ଏକ୍ସ-ରେ ପ୍ରକୋଷ୍ଠ, ଆନ୍ତଃ ଚିକିତ୍ସା କେନ୍ଦ୍ର,ବର୍ହି ବିଭାଗ ଚିକିତ୍ସା କେନ୍ଦ୍ର, ନିଦାନ ଗୃହ, ପ୍ରସୂତି ବିଭାଗ ଗୃହ, ଅପରେଶନ ଗୃହ,ଲାବ୍ରୋଟୋରୀ, ଜେନେରାଲ ରୋଗୀ ପ୍ରକୋଷ୍ଠ,ନିରାମୟ ଯୋଜନାରେ ଔଷଧ ବିତରଣ କେନ୍ଦ୍ର,କିଶୋରୀ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ 'ଶ୍ରଦ୍ଧା କ୍ଲିନିକ' ଆଦି ବୁଲି ଦେଖିଥିଲେ। ଉପରୋକ୍ତ ପ୍ରକୋଷ୍ଠର ସ୍ୱଚ୍ଛତା, ଆବଶ୍ୟକ ଯନ୍ତ୍ରପାତି,ରୋଗୀମାନଙ୍କ ପାଇଁ ଥିବା ଚିକିତ୍ସା ସୁବିଧା ଉପରେ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ସହ କେନ୍ଦ୍ରାପଡ଼ା ମେଡିକାଲର ଡାକ୍ତର ରୂପେଶ ଶତପଥୀ ଓ ଜିଲା ମେଡିକାଲ 'କାୟାକଳ୍ପ'ର ପରାମର୍ଶଦାତା ଡାକ୍ତର ଅନିଲ କୁମାର ପଣ୍ଡା ଓ ପାଟକୁରା ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା.ନିରଞ୍ଜନ କର, ସ୍ତ୍ରୀ ଓ ପ୍ରସୂତୀ ବିଭାଗ ଡାକ୍ତର ହିମାଂଶୁ ଭୂଷଣ ଷଡଙ୍ଗୀ, ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରଶାନ୍ତ ଜେନା,ଡାକ୍ତର ସନ୍ଦୀପ ମହାନ୍ତି, ଆୟୁଷ ଡାକ୍ତର ମନୋଜ ଜେନା ଓ ଡାକ୍ତର ସସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## କମ୍ପାନୀ ଜଗୁଆଳିଙ୍କୁ ଅପହରଣ: ୩ ଅଟକ

**କୁଜଙ୍ଗ,୧୦।୩ (ଡି.ଏନ୍.ଏ.)**

ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପରେ କାର୍ଯ୍ୟରତ ଏକ ଠିକା କମ୍ପାନୀର ଜଗୁଆଳିଙ୍କୁ ବୁଧବାର ଅପହରଣ କରାଯାଇଥିବା ନେଇ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ ହୋଇଛି। ଜଗୁଆଳି ଜଣକ ହେଲେ କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ କୁସୁନପୁର ଗ୍ରାମର ସୌମ୍ୟରଞ୍ଜନ ନାୟକ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା (ନଂ.୧୦୩/୨୨) ରୁଜୁ କରି ୩ ଜଣଙ୍କୁ ଅଟକ ରଖିଛି। ରଙ୍ଗିଆଗଡ ନିକଟସ୍ଥ ପୋଲ ନିକଟରେ କମ୍ପାନୀ ପକ୍ଷରୁ ନିର୍ମାଣ କାର୍ଯ୍ୟ ଚାଲିଛି। ସେଠାରେ ନିୟୋଜିତ ଗାଡ଼ିକୁ ସୌମ୍ୟରଞ୍ଜନ ବୁଧବାର ରାତିରେ ଜଗି ରହିଥିଲେ। ବିଳମ୍ବିତ ରାତିରେ ୩ ଜଣ ଦୁର୍ବୃତ୍ତ ଏକ ଲାଲରଙ୍ଗର ମୋଟର ସାଇକେଲରେ ଆସି ତାଙ୍କୁ ମାଡ଼ମାରି ମୋବାଇଲ ଓ ରୂପାଚେନ ଛଡ଼ାଇ ନେଇଥିଲେ। ଏଥିସହ ତାଙ୍କୁ ଅପହରଣ କରି ନେଇଥିଲେ। ଅଭିଯୋଗ ପରେ ପୋଲିସ ତନାଘନା କରି ଅଭିଯୁକ୍ତମାନଙ୍କୁ ଧରିବା ସହ ପାରାଦୀପ ଥାନା ଅଞ୍ଚଳରୁ ସୌମ୍ୟରଞ୍ଜନଙ୍କୁ ଉଦ୍ଧାର କରିଛି। ଥାନା ଅଧିକାରୀ ଜୀବନାନନ୍ଦ ଜେନା ସେମାନଙ୍କ ନାମ ପ୍ରକାଶ କରି ନ ଥିବା ବେଳେ ଜଣେ ଅଭିଯୁକ୍ତ କୁଜଙ୍ଗ ଥାନା ଅଞ୍ଚଳର ଆଉ ୨ ଜଣ ପାରାଦୀପ ସହରାଞ୍ଚଳର ବୋଲି କହିଛନ୍ତି। ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବହୁ ଆପରାଧିକ ମାମଲା ବିଭିନ୍ନ ଥାନାରେ ରହିଛି ବୋଲି ଜେନା ପ୍ରକାଶ କରିଛନ୍ତି।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥି।

**ମାର୍ଶାଘାଇ,୧୦।୩(ଡି.ଏନ.ଏ.)**

ମାର୍ଶାଘାଇ ବ୍ଲକ ପରିସରରେ ଗୁରୁବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଜିଲା ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓ ବ୍ଲକ ପ୍ରଶାସନ ତରଫରୁ ଏହି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ୫ ବିଭାଗରେ ୨୦୨ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଚିହ୍ନଟ ଭିନ୍ନକ୍ଷମମାନଙ୍କୁ କୃତ୍ରିମ ଅଙ୍ଗ, ଆଶାବାଡି, ୩ ଚକିଆ ସାଇକେଲ, ଶ୍ରବଣ ଯନ୍ତ୍ର ଆଦି ଉପକରଣ ୧ମାସ ମଧରେ ପ୍ରଦାନ କରାଯିବ ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ଭିନ୍ନକ୍ଷମମାନଙ୍କୁ ନିଯୁକ୍ତି ଓ ବୈଷୟିକ ତାଲିମ ନିମନ୍ତେ ପରାମର୍ଶ କେନ୍ଦ୍ର ଖୋଲାଯାଇଥିଲା। ଏହି ଶିବରକୁ ମାର୍ଶାଘାଇ ବିଡିଓ ଉମାଶଙ୍କର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଉଦ୍‌ଘାଟନ କରିଥିଲେ।

## ସ୍ୱାଧୀନ ପ୍ରାର୍ଥୀଙ୍କୁ ମିଳିଲା ନିର୍ବାଚନୀ ଚିହ୍ନ

**ପାରାଦୀପ,୧୦।୩(ସ୍ୱ.ପ୍ର.)**

ପାରାଦୀପ ପୌର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ଗୁରୁବାର ନିର୍ବାଚନୀ ଚିହ୍ନ ଦିଆଯାଇଛି। ସେମାନଙ୍କୁ ଉଡାଜାହାଜ, ପାଣି ଜାହାଜ, ଡଙ୍ଗା, ବାଇ ସାଇକେଲ, ବାଳକ ବାଳିକା ଆଦି ଚିହ୍ନ ଦିଆଯାଇଛି। ବିଭିନ୍ନ ଦଳୀୟ ଚିହ୍ନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନେ ନାମାଙ୍କନପତ୍ର ଯାଞ୍ଚ ପରେ ପ୍ରଚାର ଆରମ୍ଭ କରିଦେଇଛନ୍ତି। ଆସନ୍ତା ୧୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଦିବସ ଧାର୍ଯ୍ୟ ଅଛି। ଯେଉଁମାନେ ପ୍ରତ୍ୟାହାର କରିବେ ତାଙ୍କର ଚିହ୍ନ ସହ ନାମ ତାଲିକାରୁ ବାଦ୍ ପଡ଼ିବ ବୋଲି ନିର୍ବାଚନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ସୂଚନା ଦେଇଛନ୍ତି।

## ବ୍ଲକସ୍ତରରେ ଖୋଲିବ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ

**ଜଗତ୍‌ସିଂହପୁର ଅଫିସ,୧୦।୩**

### ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଜିଲାସ୍ତରୀୟ ବୈଠକ

ଜଗତ୍‌ସିଂହପୁର ଜିଲାରେ ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ ଗୁରୁବାର ଏକ ଜିଲାସ୍ତରୀୟ ବୈଠକ ଜିଲାପାଳ ପାରୁଲ୍ ପଟୱାରିଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗତ୍‌ସିଂହପୁର ଏମ୍‌ପି ଡ.ରାଜଶ୍ରୀ ମଲ୍ଲିକ ଯୋଗଦେଇ ଗ୍ରୀଷ୍ମପ୍ରବାହ ସମୟରେ କଟକ-ପାରାଦୀପ ରାସ୍ତାର ବିଭିନ୍ନ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା, ଜଳକ୍ଲିଷ୍ଟ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ ଓ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସେ କହିଥିଲେ। ଜିଲାପାଳ ପଟୱାରି ସମ୍ଭାବ୍ୟ ଗ୍ରୀଷ୍ମପ୍ରବାହର ସଫଳ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ଆଶୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ, ଗ୍ରାମୀଣ ଜଳ ଓ ପରିମଳ ଡିଭିଜନ, ପ୍ରାଣୀ ସମ୍ପଦ ବିଭାଗରେ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବା ସହ ବ୍ଲକସ୍ତରରେ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ରହିବ। ଅଚଳ ନଳକୂପଗୁଡ଼ିକର ତୁରନ୍ତ ମରାମତି ସହ ନୂତନ ପାଇପ ୱାଟର ସପ୍ଲାଏ ପ୍ରକଳ୍ପ ଏପ୍ରିଲ ସୁଦ୍ଧା ଶେଷ ହେବ। ସିଏଚ୍‌ସି ଅବା ପିଏଚ୍‌ସିଗୁଡ଼ିକୁ ନୀରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଅଂଶୁଘାତ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର କୋଠରିରେ ଏସି ଓ ଏୟାରକୁଲର ବ୍ୟବସ୍ଥା କରାଯିବ। ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ଜଳ ସମ୍ପଦ, ଡ୍ରେନେଜ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀମାନେ କାର୍ଯ୍ୟସ୍ଥଳରେ ପାନୀୟଜଳ ବ୍ୟବସ୍ଥା ଏବଂ ଶ୍ରମିକମାନେ ଯେପରି ଦିନ ୧ଟାରୁ ୩ଟା ପର୍ଯ୍ୟନ୍ତ କାମ ନ କରନ୍ତି ସେ ସମ୍ପର୍କରେ ସୁନିଶ୍ଚିତ କରାଯିବ। ପ୍ରାଣୀ ସମ୍ପଦ ବିଭାଗର ୮ଟି ବ୍ଲକରେ ମୋବାଇଲ ଟିମ୍ ମାଧ୍ୟମରେ ପ୍ରାଣୀମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ୧୧୭ଟି ଏଲ୍‌ଆଇ ସେଣ୍ଟରରେ ପ୍ରାଣୀଙ୍କ ନିମନ୍ତେ ଜଳ ବ୍ୟବସ୍ଥା, ଗୋରୁହାଟମାନଙ୍କରେ ଆର୍‌ଏମ୍‌ସି ପକ୍ଷରୁ ୱାଟର ଟ୍ୟାଙ୍କ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତଜନିତ ମୃତ୍ୟୁ ହେଲେ ତହସିଲଦାର ଓ ମେଡିକାଲ ଅଫିସରଙ୍କ ଦ୍ୱାରା ୨୪ଘଣ୍ଟା ମଧ୍ୟରେ ଯୁଗ୍ମ ତଦନ୍ତ କରାଯିବ। ଏଥିରେ ଗ୍ରାମୀଣ ପରିମଳ ଓ ଜଳଯୋଗାଣ ଅଧୀକ୍ଷଣ ଯନ୍ତ୍ରୀ ଯୋଗଦେଇ ବାଲିକୁଦାର ୨୪, କୁଜଙ୍ଗ ଓ ଏରସମା ବ୍ଲକର ୧୮ଟି ଜଳକ୍ଲିଷ୍ଟ ଗ୍ରାମରେ ୱାଟର ଟ୍ୟାଙ୍କର ମାଧ୍ୟମରେ ଜଳଯୋଗାଣ କରାଯିବ ବୋଲି କହିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଚିନ୍ମୟୀ ବିଶ୍ୱାଳ, କାହ୍ନୁ ଚରଣ ଧୀର, ସରୋଜକାନ୍ତ ମହାନ୍ତି, ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ଖବରଦାତାଙ୍କୁ ସୁରକ୍ଷା ଦିଆଯାଉ

**ଜଗତ୍‌ସିଂହପୁର ଅଫିସ, ୧୦।୩**

### ଓଜେୟୁ ପରିବର୍ଦ୍ଧିତ କମିଟି ବୈଠକ

ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ଜଗତ୍‌ସିଂହପୁର ଜିଲା ଶାଖା ପକ୍ଷରୁ ପରିବର୍ଦ୍ଧିତ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆଳିପିଙ୍ଗଳଠାରେ ଆୟୋଜି ବୈଠକରେ ଖବରଦାତାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସଂଘ ଜିଲା ସଭାପତି ଡ. ସୁନାକର ବେହେରା କହିଥିଲେ, ଖବରଦାତାଙ୍କ ସୁରକ୍ଷା ନେଇ ରାଜ୍ୟ ସରକାରଙ୍କୁ ଦାବିପତ୍ର ଦିଅଯିବ। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯିବା ସହ ସଂଗଠନର ବାଲିକୁଦା ବ୍ଲକ ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଦୀପ୍ତ ମୁଦୁଲି, ସମ୍ପାଦକ ଅଜୟ କୁମାର ରାଉତ ଓ କୋଷାଧ୍ୟକ୍ଷ ଭାବେ ବିପିନ ସେଠୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ବୈଠକରେ ଦୁର୍ଯ୍ୟୋଧନ ମହାରଣା, ଚନ୍ଦ୍ରକାନ୍ତ ଦାସ, ଅକ୍ଷୟ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଯୋଗ ଦେଇଥିବା କର୍ମକର୍ତ୍ତାମାନେ।

## ରାସ୍ତା ସଫେଇ ଗାଡ଼ି ଚଳାଇବାକୁ ସମ୍ବଳ ନାହିଁ

**ପାରାଦୀପ, ୧୦।୩(ସ୍ୱ.ପ୍ର.)**

### ପାରାଦୀପ ପୌର ପରିଷଦ ଆଗରେ ବର୍ଷେ ହେଲା ଥୁଆ ହୋଇଛି ଗାଡ଼ି

ଜଗତ୍‌ସିଂହପୁର ଜିଲା ପାରାଦୀପ ପୌରାଞ୍ଚଳକୁ ସ୍ୱଚ୍ଛ ରଖିବାକୁ ରାସ୍ତା ସଫେଇ ଗାଡି ବର୍ଷେ ତଳେ କର୍ପୋରେଟ ସୋସିଆଲ ରେସ୍‌ପନ୍‌ସିବିଲିଟି (ସିଏସ୍‌ଆର୍) ଫଣ୍ଡରୁ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଯୋଗାଇ ଦିଆଯାଇଥିଲା। ହେଲେ ପାରାଦୀପ ପୌର ପରିଷଦର ସମ୍ବଳ ନ ଥିବାରୁ ଗାଡି ଚଳାଇ ପାରୁନାହିଁ ବୋଲି ପ୍ରଶାସନିକ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ୮୫ ଲକ୍ଷ ଟଙ୍କା ବ୍ୟୟରେ କିଣାଯାଇଥିବା ସଫେଇ ଗାଡି ପୌର କାର୍ଯ୍ୟାଳୟ ଆଗରେ ସେମିତି ବର୍ଷେ ହେଲା ଥୁଆହୋଇ ରହିଛି। ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ପକ୍ଷରୁ ଗତବର୍ଷ ମାର୍ଚ୍ଚ ମାସରେ ପାରାଦୀପ ପୌର ପରିଷଦକୁ ଅତ୍ୟାଧୁନିକ ରାସ୍ତା ସଫେଇ ଗାଡିଟିକୁ ଦିଆଯାଇଥିଲା। ସେତେବେଳେ ଏହି ଗାଡିକୁ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ, ତତ୍କାଳୀନ ବନ୍ଦର ଅଧ୍ୟକ୍ଷ ଭିନିତ କୁମାର, ପୌର ପ୍ରଶାସନିକ ଅଧିକାରୀ ଓ କମ୍ପାନୀର ବରିଷ୍ଠ ଅଧିକାରୀ ପ୍ରମୁଖଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। କଳା ଧୂଳି ଆଚ୍ଛାଦିତ ପୌରାଞ୍ଚଳ ରାସ୍ତାକୁ ଯାନ୍ତ୍ରିକୀକରଣ ଦ୍ୱାରା ସଫା କରିବାକୁ ବନ୍ଦର ପକ୍ଷରୁ ରାସ୍ତା ସଫେଇ ଗାଡିର ବ୍ୟବସ୍ଥା ରହିଛି। ପାରାଦୀପ ଟାଉନଶିପ୍ ଭିତରେ ବନ୍ଦର ପ୍ରଶାସନ ପକ୍ଷରୁ ଦୁଇଟି ରାସ୍ତା ସଫେଇ ଗାଡି ଦ୍ୱାରା ସଫେଇ କାମ ଚାଲିଛି। ହେଲେ ଆଉ ଗୋଟିଏ ରାସ୍ତା ସଫେଇ ଗାଡି ପୌର ପରିଷଦ ପାଖରେ ଥାଇ ମଧ କାମରେ ଲାଗୁନାହିଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଯଦି ଏହି ଗାଡି କାମରେ ଲାଗନ୍ତା ତେବେ ପାରାଦୀପ ଟାଉନଶିପ୍ ଅଧିକ ସ୍ୱଚ୍ଛ ହୋଇପାରନ୍ତା। ତେଣୁ ରାସ୍ତା ସଫେଇ ଗାଡି ଚଳାଇବାକୁ ତୁରନ୍ତ ପଦକ୍ଷେପ ନେବାକୁ ପୌରାଞ୍ଚଳବାସୀ ଦାବି କରିଛନ୍ତି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପାରାଦୀପ କାର୍ଯ୍ୟାଳୟ ପକ୍ଷରୁ ପ୍ରତିଦିନ ରାସ୍ତା ସଫେଇ କାମକୁ ନିରୀକ୍ଷଣ କରାଯାଏ। ସେଥିରେ ପୌର ପାଳିକା ଆଗରେ ଥିବା ଗାଡି ସଫେଇ କରୁନାହିଁ ବୋଲି ବୋର୍ଡର ଆଞ୍ଚଳିକ ଅଧିକାରୀ ଦିଲୀପ ଦାଶ କହିଛନ୍ତି। ଏ ସମ୍ପର୍କରେ ପାରାଦୀପ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟଙ୍କୁ ପଚାରିଲେ ବେଳେବେଳେ ଗାଡି ମାଧ୍ୟମରେ ରାସ୍ତା ସଫେଇ କରାଯାଉଛି। ସଫେଇ ଗାଡି ଚଳେଇବାକୁ ହେଲେ ଘଣ୍ଟାକୁ ୨୫ ଲିଟର ଡିଜେଲ ଦରକାର। ଏତେ ଟଙ୍କା ଖର୍ଚ୍ଚ କରି ସଫେଇ ଗାଡି ଚଳାଇବା ସମ୍ଭବ ହେଉନାହିଁ। ପୌରପାଳିକାର ଜଣେ ସଫେଇ କର୍ମଚାରୀ କୁହନ୍ତି, ଉକ୍ତ ଗାଡିକୁ ଅପରେଟିଂ କରିବା ଭଳି କର୍ମଚାରୀ ନାହାନ୍ତି। ତେଣୁ ତାହା କାମରେ ନ ଲାଗି ପଡିରହିଛି।



ପୌର କାର୍ଯ୍ୟାଳୟ ଆଗରେ ଥୁଆ ହୋଇଥିବା ରାସ୍ତା ସଫେଇ ଗାଡି।

# ଗୋ ଚାଲାଣକୁ ଲଗାମ ନାହିଁ

ନୟାଗଡ଼ ଅଫିସ,୧୦।୩

ନୟାଗଡ଼ ଜିଲାରେ ଆନ୍ତଃ ରାଜ୍ୟ ଗୋଚାଲାଣ ର୍ୟାକେଟ ସକ୍ରିୟ ରହିଛି। ଜିଲାରୁ ମାସକରେ ୧୦ରୁ ଊର୍ଦ୍ଧ୍ୱ ଦିନ ବେଆଇନ ଭାବେ କଂସେଇଖାନାକୁ ଗୋଚାଲାଣ ଚାଲିଛି। ବେଆଇନ ଗୋଚାଲାଣ ରୋକିବା ନେଇ ପ୍ରିଭେନ୍‌ସନ ଅଫ୍ କ୍ରୁଏଲିଟି ଟୁ ଆନିମଲ ଆଇନ ରହିଥିଲେ ମଧ୍ୟ ନୟାଗଡ଼ ଜିଲାରେ ତାହା ଶୀତଳଭଣ୍ଡାରରେ ପଡ଼ିରହିଛି। କେତେଜଣ ବ୍ୟବସାୟୀ ଖୋର୍ଦ୍ଧା ଜିଲାର ବେଗୁନିଆ ଓ ବୋଲଗଡ଼ ବ୍ଲକ ଅଞ୍ଚଳକୁ ନେଇ ଗୋରୁଙ୍କୁ ବଡ଼ ବ୍ୟବସାୟୀଙ୍କୁ ବିକ୍ରି କରୁଛନ୍ତି । ଆଉ କେତେଜଣ ସିଧାସଳଖ କୋଲକାତାକୁ ଚାଲାଣ କରୁଛନ୍ତି । ଜିଲାର ବିଭିନ୍ନ ରାସ୍ତାରେ ଗୋଚାଲାଣ ହେଉଥିଲେ ମଧ୍ୟ ଅଧିକାଂଶ ଗୋରୁ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥରେ ଚାଲାଣ ହେଉଛନ୍ତି । ଜାତୀୟ ରାଜପଥ ଚାଲାଣକାରୀଙ୍କ ପାଇଁ ନିରାପଦ ପଥ ପାଲଟିଛି। ଗୋଚାଲାଣ ରୋକିବା ପାଇଁ ପ୍ରଶାସନିକସ୍ତରରେ କୌଣସି ପଦକ୍ଷେପ



ଗ୍ରହଣ କରାଯାଉ ନ ଥିବାରୁ ଜିଲାରେ ଗୋସମ୍ପଦ ହ୍ରାସ ପାଇବାରେ ଲାଗିଛି ।

ସୂଚନା ଅନୁଯାୟୀ, ଗୋଚାଲାଣ ଟ୍ରକର ଆଗରେ ପଛରେ ଏସ୍‌କର୍ଟ ଦିଆଯାଉଛି। ରାସ୍ତା କ୍ଲିୟର କରୁଛନ୍ତି କେତେଜଣ ଗୁଣ୍ଡା ଶ୍ରେଣୀୟ ଯୁବକ, ଯେଉଁମାନେ ବାଇକ୍‌ରେ ଯାଉଛନ୍ତି। ପୁଣି ଏକ ଚାରିଚକିଆ ଗାଡ଼ିରେ କେତେଜଣ ଯୁବକ ଗୋଚାଲାଣ ଟ୍ରକ ଆଗରେ ଯାଇ ପରିସ୍ଥିତି ଅନଧ୍ୟାନ କରୁଛନ୍ତି । ସେହି ଯୁବକମାନଙ୍କୁ କେବଳ ରାସ୍ତା ପାରି କରି ଦେବା ପାଇଁ ଅଧିକ ପାରିଶ୍ରମିକ ଦିଆଯାଉଛି। ସୁରକ୍ଷିତ ଗୋଚାଲାଣ

**୫୭ନଂ. ଜାତୀୟ ରାଜପଥରେ ଚାଲିଛି ଚାଲାଣ**

ହେଲେ ସେମାନଙ୍କୁ ପୁରସ୍କାର ବି ମିଳୁଛି। ସେହି ଯୁବକମାନଙ୍କ ପାଖରେ ବୋମା, ମାରଣାସ୍ତ୍ର, ବନ୍ଧୁକ ରହିଛି । ପରିସ୍ଥିତି ଓ ପରିବେଶକୁ ଦେଖି ସେମାନେ ପଦକ୍ଷେପ ନେଇପାରିବାର କ୍ଷମତା ପାଇଛନ୍ତି। ଏସ୍‌କର୍ଟ ଦଳର ସିଗ୍‌ନାଲ ମିଳିବା ପରେ ଗୋରୁ ଟ୍ରକ ଆଗକୁ ଗଡ଼ୁଛି। ତେବେ ପ୍ରକୃତ ଗୋଚାଲାଣକାରୀ ଟ୍ରକରେ ଯାଉନାହାନ୍ତି। ଏ ସଂକ୍ରାନ୍ତରେ ପୋଲିସ ଜାଣିଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜୁଥିବା ଅଭିଯୋଗ ହୋଇଛି । ଜଣେ ଗୋଚାଲାଣକାରୀଙ୍କ ସୂଚନା ଅନୁଯାୟୀ, ପୋଲିସକୁ ଆଗୁଆ ସନ୍ତୁଷ୍ଟ କରିବାକୁ ପଡ଼ିଥାଏ । ଏଣୁ ପୋଲିସ ସବୁ ଜାଣି ଅଜଣା ରୁହେ। ଭଲ ବ୍ୟବସାୟ ହେଲେ ମାସ ଶେଷରେ ପୋଲିସ ଉପହାର ପାଇଥାଏ। ଥାନା ଓ ଫାଣ୍ଡିରେ ନୂଆ ଅଫିସର ଯୋଗ ଦେଲେ ବ୍ୟବସାୟରେ ମାନ୍ଦା ଆସେ। ଚାନ୍ଦା ଫିକ୍ସ କରିବା ପାଇଁ ଧରପଗଡ଼ ଚାଲେ। କିଛି ଗୋରୁ ଗାଡି ଧରାପଡ଼େ । ତେବେ ଚାନ୍ଦା ଲାଗୁ ହେବା ପରେ ସବୁ କିଛି ଠିକ୍ ହୋଇଯାଏ ବୋଲି ସେ କହିଛନ୍ତି ।

ଏ ନେଇ ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ, ପୋଲିସ ପକ୍ଷରୁ ବେଆଇନ ଗୋଚାଲାଣକୁ ରୋକିବାକୁ ପଦକ୍ଷେପ ନିଆଯାଉଛି। ବିଭିନ୍ନ ସମୟରେ ପୋଲିସ ଧରପଗଡ଼ କରୁଛି । ନିକଟରେ ନୟାଗଡ଼ ଟାଉନ ଥାନା ପୋଲିସ ଗୋରୁ ବୋଝେଇ ମିନି ଟ୍ରକ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି ବୋଲି କହିଛନ୍ତି।

### ହ୍ରାସ ପାଉଛି ଗୋ ସମ୍ପଦ

ନୟାଗଡ଼ ଏକ କୃଷିପ୍ରଧାନ ଜିଲା। ଜିଲାବାସୀ ଗୋ ପାଳନକୁ ଗୁରୁତ୍ୱ ଦେଉଥିଲେ । ଏହାଦ୍ୱାରା ଜମି ଚାଷ ପାଇଁ ସେମାନଙ୍କୁ ସହଜରେ ଗୋବର ଖତ ମିଳୁଥିଲା । କ୍ଷୀର ବିକ୍ରି କରି ସେମାନେ ଗୁଜରାଣ ମେଣ୍ଟାଉଥିଲେ। ହେଲେ ଧୀରେ ଧୀରେ ବଦଳି ଯାଉଛି ଗାଁର ପରିବେଶ। ଗାଁରେ ଆଉ ଗାଈଚରାଳି ମିଳୁନାହାନ୍ତି। ଗୋପାଳନ ପାଇଁ ସରକାର ପ୍ରୋତ୍ସାହନ ରାଶି ଯୋଗାଉଛନ୍ତି। ହେଲେ ସେହି ପ୍ରୋତ୍ସାହନ ରାଶି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁ ନ ଥିବା ଅଭିଯୋଗ ରହିଛି । ଏଣୁ ଗାଁ ଗଣ୍ଡାରେ ଆଉ ଆଗଭଳି ଗାଈଗୋଠ ଦେଖିବାକୁ ମିଳୁନାହିଁ । ଗୋ ସମ୍ପଦ ହ୍ରାସ ପାଇ ଚାଲିଛି । ଏବେ ଗାଁରେ କୁକୁରଙ୍କ ସଂଖ୍ୟା ବଢ଼ି ଚାଲିଛି ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ଜଣେ ଗିରଫ

**ଖଣ୍ଡପଡ଼ା,୧୦।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ଯୋଗିଆପଲ୍ଲୀ ଗ୍ରାମର କୁନି ନାୟକଙ୍କ ଘରୁ ଏକ ସାଇକେଲ ଗତ ୨ଦିନ ତଳେ ଚୋରି ହୋଇଥିଲା । ସ୍ଥାନୀୟ ଅଞ୍ଚଳର ମୁରଲୀ ପରିଡ଼ା (୨୦) ସାଇକେଲକୁ ଚୋରି କରି ନେଇଥିବା କୁନି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା । ଶେଷରେ ପୋଲିସ ମୁରଲୀଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି । ଚୋରି ସାଇକେଲକୁ ଖୋଲାଯାଇ ବିକ୍ରି ପାଇଁ ରଖାଯାଇଥିବା ସୂଚନା ମିଳିଛି ।

### ସନ୍ଦେହଜନକ ଭାବେ ବୁଲୁଥିବା ଯୁବକ ଅଟକ

**ଖଣ୍ଡପଡ଼ା,୧୦।୩(ସ୍ୱ.ପ୍ର.):** ମଙ୍ଗଳବାର ରାତି ପ୍ରାୟ ୨ଟାରେ ଜଣେ ଯୁବକ କଣ୍ଟିଲୋ ଅଞ୍ଚଳରେ ସନ୍ଦେହଜନକ ଅବସ୍ଥାରେ ବାଇକ୍‌ରେ ବୁଲୁଥିଲେ । ଏ ସଂକ୍ରାନ୍ତରେ ପୋଲିସ ଖବର ପାଇବା ପରେ ତାଙ୍କୁ ଧରି ଥାନାରେ ଅଟକ ରଖିଛି । ପାଟ୍ରୋଲିଂ କରୁଥିବା ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ କୁମାର ଦେଓ ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଥାନାକୁ ଆଣି ପଚାରଉଚରା କରୁଛନ୍ତି । ସମ୍ପୃକ୍ତ ଯୁବକ ବ୍ୟବହାର କରୁଥିବା ବାଇକ୍ (ନଂ.ଓଡି୨୫ ଡି ୬୮୧୩) ଓ ଏକ ଲୁହା ଶାବଳକୁ ପୋଲିସ ଜବତ କରିଛି ।

### ସମନ୍ୱିତ କୃଷି ପ୍ରଣାଳୀରେ କାର୍ଯ୍ୟାଦେଶ

**ନୟାଗଡ଼ ଅଫିସ,୧୦।୩:** ସମନ୍ୱିତ କୃଷି ପ୍ରଣାଳୀ ଉପରେ ଜିଲାପାଳ ପୋମା ଟୁଡୁ ଗୁରୁବାର ସମୀକ୍ଷା କରିଛନ୍ତି । ଏନେଇ ସମସ୍ତ ବ୍ଲକର ଚାଷୀମାନଙ୍କ ଆବେଦନ ପତ୍ରକୁ ଅନୁମୋଦନ ହୋଇଯାଇଛି । ୨୦୨୧-୨୨ଆର୍ଥିକ ବର୍ଷ ପାଇଁ ଆବେଦନ କରିଥିବା ୨୨ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦେବା ପାଇଁ ସ୍ଥିର କରାଯାଇଥିଲା । ସହକାରୀ କୃଷି ଉପନିର୍ଦ୍ଦେଶକ ସୁଧାଂଶୁ କୁମାର ନନ୍ଦ ଏହାକୁ ପରିଚାଳନା କରିଥିଲେ । ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଜିଲା ମତ୍ସ୍ୟ ଅଧିକାରୀ, ଓଡ଼ିଶା ଜୀବିକା ମିଶନ ଅଧିକାରୀ, ଜିଲା ପ୍ରାଣୀ ସମ୍ପଦ ଅଧିକାରୀ, ବରିଷ୍ଠ ବୈଜ୍ଞାନିକ କୃଷି ବିଜ୍ଞାନ କେନ୍ଦ୍ର,ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଓ ସହକାରୀ କୃଷି ଅଧିକାରୀ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ଥିଲେ ।

### ସ୍ୱାଧୀନ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର

**ନୟାଗଡ଼ ଅଫିସ,୧୦।୩:** ନୟାଗଡ଼ ଜିଲାରେ ପୌର ପରିଷଦ ନିର୍ବାଚନ ପାଇଁ ୪୫ କାଉନସିଲର ଓ ୪ ଅଧ୍ୟକ୍ଷ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ଏଥିରୁ ଗୁରୁବାର ୬ ନଂ. ୱାର୍ଡ ସ୍ୱାଧୀନ ପ୍ରାର୍ଥୀ ସ୍ୱନ୍ଦନ ପଟ୍ଟନାୟକ ନିଜର ନାମାଙ୍କନପତ୍ର ପ୍ରତ୍ୟାହାର କରି ନେଇଛନ୍ତି । ବୁଧବାର୧ନଂ. ୱାର୍ଡର କଂଗ୍ରେସ ପ୍ରାର୍ଥୀ ଝରଣ କଅଁରଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଥିଲା । ଏଣୁ ୧୬ଟି ୱାର୍ଡର ୪୩ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର କାଏମ ରହିଛି । ସେହିପରି ୪ଜଣ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଅନୁରୂପ ଭାବେ କାଏମ ରହିଛି । ସୂଚନାଯୋଗ୍ୟ, ୬ନଂ. ୱାର୍ଡରେ ୪ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଜଣେ ପ୍ରାର୍ଥୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଏଠାରେ ବିଜେଡି ପ୍ରାର୍ଥୀ ରାଜକୁମାର ସାହୁ, କଂଗ୍ରେସ ବିଶ୍ୱଜିତ ମହାନ୍ତି, ଭାଜପା ପ୍ରାର୍ଥୀ ପ୍ରସନ୍ନ କୁମାର ରାଉତଙ୍କ ମଧ୍ୟରେ ଲଢ଼େଇ ହେବ ।

### ମୋବାଇଲ ଲୁଟେରାଙ୍କୁ ଧରି ଗ୍ରାମବାସୀ ପୋଲିସ ଜିମା ଦେଲେ

**ଖଣ୍ଡପଡ଼ା,୧୦।୩(ସ୍ୱ.ପ୍ର.):** ଖଣ୍ଡପଡ଼ା ନିକଟସ୍ଥ ବାହାଡ଼ା ଛକରେ ବୁଲୁଥିବା ୨ ଲୁଟେରା ଜଣେ ବ୍ୟକ୍ତିଙ୍କଠାରୁ ଏକ ମୋବାଇଲ ଛଡାଇ ନେଇ ଫେରାର ହୋଇଯାଉଥିଲେ । ଏତିକି ବେଳେ ସ୍ଥାନୀୟ ବାସିନ୍ଦା ସେହି ମୋବାଇଲ ଲୁଟେରାଦ୍ୱୟଙ୍କୁ ଧରି ଏକ ଖୁଣ୍ଟରେ ବାନ୍ଧି ନିସ୍ତୁକ ପିଟିବା ପରେ ଫତେଗଡ଼ ଥାନା ପୋଲିସକୁ ଖବର ଦେଇଥିଲେ । ପୋଲିସ ସେହି ୨ ଲୁଟେରାଙ୍କୁ ଫତେଗଡ଼ ଥାନାକୁ ନେଇଛି । ସେମାନେ ହେଲେ ଟୁନା ସ୍ୱାଇଁ ଓ ଆଲୋକ ନାୟକ। ଟୁନାଙ୍କ ଘର କଇଥ ପଲ୍ଲୀ ଗ୍ରାମରେ ହୋଇଥିବା ବେଳେ ଆଲୋକଙ୍କ ଘର ଖଳିସାହି ପଞ୍ଚାୟତ ଇଚ୍ଛାପୁରୁ ଗ୍ରାମରେ ବୋଲି ପୋଲିସ କହିଛି ।

### ଘର ଜଳିଗଲା

**ଧରାକୋଟ,୧୦।୩(ଡି.ଏନ.ଏ.):** ଧରାକୋଟ ବ୍ଲକ ଅନ୍ତର୍ଗତ ଜଗମୋହନ ଗ୍ରାମରେ ଗୁରୁବାର ଅପରାହ୍ନରେ ନିଆଁ ଲାଗି ଡେରାସାହିର ବିଶ୍ୱନାଥ ସେଠୀଙ୍କ ଘର ଜଳିଯାଇଛି। ଏଥିସହ ଘରର ସମସ୍ତ ଆସବାବପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି।

## ଦଶପଲ୍ଲା:ସମସ୍ତ ପ୍ରାର୍ଥିପତ୍ର କାଏମ

ଦଶପଲ୍ଲା,୧୦।୩(ଡି.ଏନ.ଏ.)

ଦଶପଲ୍ଲା ଏନ୍‌ଏସି ନିର୍ବାଚନ ପାଇଁ ଦାଖଲ ହୋଇଥିବା ସମସ୍ତ ପ୍ରାର୍ଥୀପତ୍ର କାଏମ୍ ରହିଛି । କାଉନସିଲର ପାଇଁ ୫୪ ଜଣ ପ୍ରାର୍ଥୀପତ୍ର ଦାଖଲ ହୋଇଥିବା ବେଳେ ଅଧ୍ୟକ୍ଷା ପଦବୀ ପାଇଁ ୩ଟି ପ୍ରାର୍ଥୀପତ୍ର ଦାଖଲ ହୋଇଥିଲା । ଶାସକ ବିଜେଡିରୁ ରାନୀ ବେହେରା ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ଭାଜପାରୁ ସୋନାଲିନ୍ ଦଳେଇ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ପୁନମ୍ ପ୍ରିୟଦର୍ଶିନୀ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ବିଶେଷତଃ ବିଜେଡି ଏବଂ ସ୍ୱାଧୀନ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହେବାର ସମ୍ଭାବନା ରହିଛି । ଉଭୟ ନବାଗତା ଏବଂ ସେମାନଙ୍କ କୌଣସି ରାଜନୈତିକ ଅଭିଜ୍ଞତା ନାହିଁ। ତେବେ ସେମାନଙ୍କ ପଛରେ ଥିବା ଦଳୀୟ ନେତାଙ୍କ ଗୋଟି ଚାଳନା ଉପରେ ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଭର କରୁଛି ବୋଲି ଏଠାରେ ଆଲୋଚନା ଜୋର ଧରିଛି ।

## ନାଏବ ସରପଞ୍ଚ ପଦବୀ ପାଇଁ ରାଜନୀତି

ଦଶପଲ୍ଲା,୧୦।୩(ଡି.ଏନ.ଏ.)

ନାଏବ ସରପଞ୍ଚ ପଦବୀକୁ ନେଇ ଦଶପଲ୍ଲାର ୨୦ ପଞ୍ଚାୟତର ରାଜନୀତି ଚଳଚଞ୍ଚଳ ହୋଇ ଉଠିଛି । ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକର ସମସ୍ତ ପଞ୍ଚାୟତରେ ନାଏବ ସରପଞ୍ଚ ଲାଗି ଶୁକ୍ରବାର ଭୋଟ ଗ୍ରହଣ କରାଯିବ । ୱାର୍ଡ଼ସଭ୍ୟମାନେ ନାଏବ ସରପଞ୍ଚ ବାଛିବେ । ସମସ୍ତ ପଞ୍ଚାୟତରେ ନବ ନିର୍ବାଚିତ ସରପଞ୍ଚଙ୍କ ଭୋଟ ନିର୍ଣ୍ଣାୟକ ହେବ ବୋଲି ଚର୍ଚ୍ଚା ଚାଲିଛି । ଏଥିପାଇଁ ବିଭିନ୍ନ ପଞ୍ଚାୟତରେ ଅଙ୍କକଷା ଚାଲିଛି । ଇତିମଧ୍ୟରେ ବିଭିନ୍ନ ପଞ୍ଚାୟତ ନାଏବ ସରପଞ୍ଚ ପଦବୀ ପାଇଁ ଶାସକ ବିଜେଡିର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଦେଖିବାକୁ ମିଳୁଛି । ଶୁକ୍ରବାର ହେବାକୁ ଥିବା ନିର୍ବାଚନରେ ଯେପରି କୌଣସି ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେଥିପାଇଁ ପୋଲିସ ପକ୍ଷରୁ କଡ଼ା ନଜର ରଖାଯାଇଛି ।

## ଭୂଜଳ ପରିଚାଳନା, ବର୍ଷାଜଳ ସଂରକ୍ଷଣ ଚିନ୍ତା



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

ନୟାଗଡ଼ ଅଫିସ,୧୦।୩

କେନ୍ଦ୍ରୀୟ ଭୂମିଜଳ ପରିଷଦ, ଦକ୍ଷିଣ-ପୂର୍ବ କ୍ଷେତ୍ର, ଭୁବନେଶ୍ୱର ଆନୁକୂଲ୍ୟରେ ଏକଦିବସୀୟ ଭୂଜଳ ପରିଚାଳନା ଏବଂ ବର୍ଷାଜଳ ସଂରକ୍ଷଣ ସମ୍ପର୍କରେ ଜନ ବାର୍ତ୍ତାଳାପ କାର୍ଯ୍ୟକ୍ରମ ନୟାଗଡ଼ ରୋଟାରୀ କ୍ଲବ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ କେନ୍ଦ୍ରୀୟ ଭୂମିଜଳ ପରିଷଦ, ଭୁବନେଶ୍ୱରର ବୈଜ୍ଞାନିକ ମୌସୁମୀ ସାହୁ, ପୂର୍ବା ବେରା, ସତ୍ୟମ୍ ଶୁକ୍ଳା, ସଚ୍ଚିଦାନନ୍ଦ ପୃଷ୍ଟି, ପ୍ରାଧ୍ୟାପକ ହରପ୍ରସାଦ ମହାପାତ୍ର ଏବଂ ରୋଟାରୀ କ୍ଲବର ସଭାପତି ଧୀରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଭୂଜଳ ସ୍ଥିତି, ଗୁଣବତ୍ତା ଏବଂ ପରିଚାଳନା ଆଦି ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ଼ ସହରର ବୁଦ୍ଧିଜିବୀ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧି ଏବଂ ବହୁ ଜନସାଧାରଣ ଯୋଗ ଦେଇଥିଲେ । ରୋଟାରିଆନ୍‌ମାନଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମୌସୁମୀ ସାହୁ ପରିଚାଳନା କରିଥିଲେ। ଶେଷରେ ରୋଟାରିଆନ୍ ପ୍ରସନ୍ନ ବସନ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜେଲ ଅନ୍ତେବାସୀ, କିନ୍ନରଙ୍କ ପାଇଁ ତାଲିମ ବ୍ୟବସ୍ଥା

ନୟାଗଡ଼ ଅଫିସ,୧୦।୩

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ନୟାଗଡ଼ର ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନ ଆନୁକୂଲ୍ୟରେ ଆଡ୍‌ଭାଇଜରି କମିଟି ମିଟିଂ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ମିନି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନରେ ୨୦୨୧-୨୨ ଆର୍ଥିକ ବର୍ଷରେ ୯ଟି ଟ୍ରେନିଂ ପ୍ରୋଗ୍ରାମ କରାଯାଇଛି । ଏଥିରେ ୨୪୨ଜଣ ଆର୍ଥିକ ଅନଗ୍ରସର ଶ୍ରେଣୀ, ୯ ଦଳିତ ଓ ଆଦିବାସୀ ଶ୍ରେଣୀ ସାମିଲ ହୋଇଥିଲେ। ପରେ ୪ର୍ଥ ତ୍ରୈୟ ମାସର ଯୋଜନା ଉପରେ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ କିନ୍ନର ଏବଂ ୧୮ରୁ ୪୫ବର୍ଷ ବୟସର ଜେଲ ଅନ୍ତେବାସୀମାନଙ୍କ ଆତ୍ମ ନିର୍ଭରଶୀଳ ଉପରେ ଜିଲାପାଳ ବିଶେଷ ଗୁରୁତ୍ୱ ଦେଇଥିଲେ । ଜେଲ୍ ଅନ୍ତେବାସୀମାନଙ୍କୁ ଛତୁଚାଷ ତାଲିମ ଏବଂ କିନ୍ନରମାନଙ୍କୁ ବିୟୁଟି ପାର୍ଲର

**ଆଡ୍‌ଭାଇଜରି କମିଟି ମିଟିଂ**

ତାଲିମ ଦିଆଯାଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଯିବା ପାଇଁ ନିଷ୍ପତ୍ତି ହୋଇଛି । ଏଥିରେ ଉଦ୍ୟାନ କୃଷି ବିଭାଗ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଓ କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ଙ୍କ ମିଳିତ ସହଯୋଗରେ ଉପରୋକ୍ତ କାର୍ଯ୍ୟ କରାଯିବ । ଏହି ସଭାରେ ଆଡ୍‌ଭାଇଜରି କମିଟିର ଉପାଧ୍ୟକ୍ଷ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଭାରତୀୟ ଷ୍ଟେଟ ବ୍ୟାଙ୍କର ନିର୍ଦ୍ଦେଶକ ମନୋଜ କୁମାର ସ୍ୱାଇଁ , ଅଗ୍ରଣୀ ବ୍ୟାଙ୍କର ପରିଚାଳକ ଶଶୀଶେଖର ପଟ୍ଟନାୟକ, ଓଡିଶା ଜିବିକା ମିଶନର ଡିପିଏମ ସଞ୍ଜୟ କୁମାର ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଲତା ମଲ୍ଲିକ, ଜିଲା ଶିଳ୍ପ କେନ୍ଦ୍ରର ଆରପିଓ ଆର.କେ.ସୁବୁଦ୍ଧି, ଓର୍‌ମାସର ଏଜିକ୍ୟୁଟିଭ୍ ଆସିଷ୍ଟାଣ୍ଟ ନଟବର ସ୍ୱାଇ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।



ଆଡ୍‌ଭାଇଜରି କମିଟି ମିଟିଂରେ ଜିଲାପାଳ ପୋମା ଟୁଡୁ ଓ ଅନ୍ୟମାନେ ।

## ଦଶପଲ୍ଲା ପ୍ରିମିୟର୍ ଲିଗ୍ ,ଇଶାନୀ କ୍ଲବ୍ ବିଜୟୀ



ଖେଳ ପୂର୍ବରୁ ଖେଳାଳିମାନେ ଫଟୋ ପାଇଁ ପୋଜ୍ ଦେଇଛନ୍ତି ।

ଦଶପଲ୍ଲା,୧୦।୩ (ଡି.ଏନ.ଏ.)

ଗୁରୁବାର ଦଶପଲ୍ଲା ପ୍ରିମିୟର ଲିଗ୍‌ର ଅଷ୍ଟମ ଦିବସ ମ୍ୟାଚ୍ ବ୍ଲାକ୍ ହାର୍ଟ ଓ ଇଶାନୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ବ୍ଲାକ୍‌ହାର୍ଟ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୧୫ ଓଭରରେ ୯ ଉଇକେଟ ହରାଇ ୯୯ ରନ୍ ସଂଗ୍ରହ କରିଥିଲା । ଜବାବ୍‌ରେ ଇଶାନୀ ଟିମ୍ ୧୧.୩ ଓଭରରେ ୬ ଉଇକେଟ ହରାଇ ୧୦୨ ରନ୍ ସଂଗ୍ରହ କରି ବିଜୟ ହୋଇଛି। ସୁକାନ୍ତ ବଳିଆର ସିଂହ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ ହୋଇଥିଲେ । ପମିନ୍ ଓ ବାଇଧର ଖେଳ ପରିଚାଳନା କରିଥିଲେ ।

## ଫାଇନାଲରେ ଚମ୍ପେଶ୍ୱର ଟିମ୍

**ଗୋକୁଳାନନ୍ଦ ସ୍ପୋର୍ଟସ କ୍ରିକେଟ୍**

ଖଣ୍ଡପଡ଼ା,୧୦।୩(ସ୍ୱ.ପ୍ର.)

ସିଧାମୂଳା ଗୋକୁଳାନନ୍ଦ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ଟି-୨୦ ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଚମ୍ପେଶ୍ୱର ଟିମ୍ ୮ ଉଇକେଟରେ ରତାପାଟ କ୍ରିକେଟ କ୍ଲବ୍‌କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଆଜିର ମ୍ୟାଚରେ ରତାପାଟ ଦଳ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ୧୧୦ ରନ ସଂଗ୍ରହ କରିଥିଲା । ଜବାବରେ ଚମ୍ପେଶ୍ୱର ଟିମ୍ ୮ ଓଭରରେ ୨ ଉଇକେଟ ହରାଇ୧୧୧ରନ୍ ସଂଗ୍ରହ କରି ଫାଇନାଲକୁ ପ୍ରବେଶ କରିଛି । ଆଜିର ମ୍ୟାଚ୍‌କୁ ସନାତନ ବେହେରା ଓ ବବୁଲ ସାହୁ ପରିଚାଳନା କରିଥିଲେ ।

## ଦୁଇ ମାମଲାରେ ୮ କୋର୍ଟଚାଲାଣ

ଗୋପାଳପୁର,୧୦।୩(ଡି.ଏନ.ଏ.)

ପୂର୍ବ ଶତ୍ରୁତା ଓ ରାଜନୈତିକ କାରଣକୁ ନେଇ ଗତ ୨ ତାରିଖ ରାତିରେ ଗୋଳନ୍ଥରା ଥାନା ଅନ୍ତର୍ଗତ ପିତାତଳି ଗ୍ରାମରେ ଦୁଇ ଗୋଷ୍ଠୀ ସଂଘର୍ଷ ଓ ବୋମାମାଡ଼ ହୋଇଥିଲା। ଏହି ଘଟଣା ନେଇ ଉଭୟ ପକ୍ଷରୁ ଅଭିଯୋଗ ପ୍ରକାରେ ଗୋଳନ୍ଥରା ଥାନାରେ ୮ଟି ମାମଲା ରୁଜୁ ହୋଇଥିଲା। ପୋଲିସ ଗୁରୁବାର ୨ଟି ମାମଲାରେ ୮ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ପିତାତଳି ଗ୍ରାମର ଗୋଟିଏ ଗୋଷ୍ଠୀର ଏସ.କାଙ୍କେୟା, ଏସ. ଭୀମ, ଏସ. ଅର୍ଜୁନ, ଏସ. ବାଳକୃଷ୍ଣ, ଏସ.ଜଗନ୍ନାଥ ରେଡ୍ଡୀ, କେ. କାମେଶୁ, ପି. ରୁଷି ଓ ଅନ୍ୟ ଗୋଷ୍ଠୀର ଯୁଧିଷ୍ଠିର ସେଠୀ। ସୂଚନାନୁସାରେ ଦୀର୍ଘବର୍ଷ ହେଲା ପିତାତଳି ଗ୍ରାମରେ ଏସ.ରାଙ୍ଗାରାଓ ଓ କେ.ନରସିଂହ ମୂର୍ତ୍ତି ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଗତ ୨ ତାରିଖରେ ବିଜୟୀ ସରପଞ୍ଚ ପ୍ରାର୍ଥୀ ଏସ.ରାଙ୍ଗାରାଓ, ସମିତିସଭ୍ୟ ଏବଂ ସମର୍ଥକମାନେ ଗ୍ରାମରେ ଶୋଭାଯାତ୍ରା କରୁଥିବା ବେଳେ ନରସିଂହଙ୍କ ଗୋଷ୍ଠୀର ଜଣେ ନାବାଳକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ପରେ ଏହାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଟେକାପଥର ଓ ଘନଘନ ବୋମାମାଡ଼ ହୋଇଥିଲା। ଏଥିରେ ୪ଜଣ ଗୁରୁତର ଆହତ ହୋଇଥିଲେ। ପରେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲା। ଏହି ଘଟଣା ପରେ ଗୋଳନ୍ଥରା ଥାନାରେ ରୁଜୁ ମାମଲା ମଧ୍ୟରୁ ପୋଲିସ ନଂ ୮୩/୨୨ରେ ବୁଧବାର ରାତିରେ ରାଙ୍ଗାରାଓଙ୍କ ଗୋଷ୍ଠୀର ୭ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଥିଲା। ସେହିପରି ମାମଲା ନଂ. ୯୧/୨୨ରେ ନରସିଂହ ମୂର୍ତ୍ତିଙ୍କ ଗୋଷ୍ଠୀର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହାପୂର୍ବରୁ ୮୨/୨୨ ମାମଲାରେ ପୋଲିସ ୫ ଜଣଙ୍କୁ କୋର୍ଟଚାଲାଣ କରିଥିଲା। ଗ୍ରାମରେ ଏବେ ବି ଦୁଇ ସେକ୍ସନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## 'ନାଟକ ସମଗ୍ର'ରେ ନୟାଗଡ଼ର ନାଟ୍ୟକାରଙ୍କ 'ଓଡଶ'

ନୟାଗଡ଼ ଅଫିସ,୧୦।୩

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ତଥା ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଜାତୀୟ ନାଟ୍ୟ ଉତ୍ସବ ପୂର୍ବରଙ୍ଗ ଉଦ୍‌ଯାପନ ହୋଇଯାଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଓଡ଼ିଶାର ୫ ନାଟ୍ୟକାରଙ୍କ ନାଟକ ଗ୍ରନ୍ଥାବଳୀ 'ନାଟକ ସମଗ୍ର' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସଙ୍ଗୀତ ନାଟକ ଏକାଡେମୀ ସଭାପତି ଅରୁଣା ମହାନ୍ତି, ସଚିବ ପ୍ରବୋଧ କୁମାର ରଥ, ଉପସଭାପତି ମନ୍ମଥ ଶତପଥୀ, ନାଟ୍ୟ ସଂଘର ସଭାପତି ହରେନ ସାହୁଙ୍କ ସହ ୫ ନାଟ୍ୟକାର ଉପସ୍ଥିତ ରହି ନାଟକ ସମଗ୍ରକୁ ଉନ୍ମୋଚନ କରିଥିଲେ । ନାଟକ ସମଗ୍ରରେ ନୟାଗଡ଼ର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଓ ନାଟ୍ୟକାର ଶରତ ଚନ୍ଦ୍ର ଆଚାର୍ଯ୍ୟଙ୍କ ନାଟକ 'ଓଡଶ' ସ୍ଥାନିତ ହୋଇଛି ।



ନାଟକ ସମଗ୍ରର ଉନ୍ମୋଚନ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ନାଟ୍ୟକାର ।

ସୂଚନାଯୋଗ୍ୟ, ଆଚାର୍ଯ୍ୟଙ୍କ ଚର୍ଚ୍ଚିତ ନାଟକ 'ପଥର' ଉଭୟ ଓଡ଼ିଆ ଓ ହିନ୍ଦୀ ଭାଷାରେ ଓଡ଼ିଶାର ବିଭିନ୍ନ ମଞ୍ଚ ତଥା ପ୍ରବାସୀ ଓଡ଼ିଆଙ୍କ ଦ୍ୱାରା ଆମେରିକାର ମିଚିଗାନ୍‌ରେ ମଞ୍ଚସ୍ଥ ହୋଇ ବିପୁଳ ଦର୍ଶକୀୟ ଆଦୃତି ପାଇବା ପରେ ପୁସ୍ତକ ଭାବେ ପ୍ରକାଶିତ ହୋଇ ଯଥେଷ୍ଟ ପାଠକୀୟ ଶ୍ରଦ୍ଧା ଲାଭ କରିପାରିଛି। ନାଟ୍ୟକାରଙ୍କ ରଚିତ ହିନ୍ଦୀ ନାଟକ 'ଆଇନା' ନୟାଗଡ଼ ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ରାଜ୍ୟ ଯୁବ ଉତ୍ସବରେ ମଞ୍ଚସ୍ଥ ହୋଇ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜାତୀୟସ୍ତରରେ ପ୍ରଦର୍ଶନ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା । ସଂପ୍ରତି ନାଟକ 'ଓଡଶ' ପ୍ରଥମେ ଭୁବନେଶ୍ୱରର ଜୀବନରେଖା ଅନୁଷ୍ଠାନ ତରଫରୁ ବିଶିଷ୍ଟ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶନାରେ ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇ ବେଶ ସୁନାମ ଅର୍ଜନ କରିଥିଲା । ଏହି ପୁସ୍ତକ ଉନ୍ମୋଚନ ଉତ୍ସବରେ ଓଡ଼ିଶାର ୫ ନାଟ୍ୟକାରଙ୍କୁ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

